# ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀଙ୍କର ଅନୁଗୋଳ ଗସ୍ତ- ରାଜସ୍ୱ ସଂଗ୍ରହ ଓ ଅବାଧ ମଦ ବିକ୍ରିକୁ ନିୟନ୍ତ୍ରଣ ନିମନ୍ତେ ଚଢାଉ ଉପରେ ଗୁରୁତ୍ୱ ।

ଅନୁଗୋଳ ୧୪.୧ :- ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଆଜି ଅନୁଗୋଳ ଗସ୍ତରେ ଆସି ସର୍କିଟ ହାଉସ ଠାରେ ଜିଲ୍ଲା ଅବକାରୀ ବିଭାଗର ରାଜସ୍ୱ ସଂଗ୍ରହ ଓ Multi disciplinary sqad ର ନିୟମିତ ଚଢାଉ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ବୈଠକରେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଓ ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ । ସରକାରଙ୍କର ମଦ ବିକ୍ରି କରି ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ନୁହେଁ, କିଛି ବ୍ୟକ୍ତି ମଦ୍ୟପାନକୁ ଅଭ୍ୟାସଗତ ଭାବେ କରୁଥିବାରୁ ସେମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅବକାରୀ (Excise Adhesiv Level) ସାଙ୍କେତିକ ଚିହ୍ନଥିବା ମଦ ବୋତଲକୁ ବିକ୍ରି କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଅବକାରୀ ବିଭାଗର ଏହି ଚିହ୍ନକୁ ଯେଉଁମାନେ ଜାଲିଆତି କରି ଅପମିଶ୍ରିତ ମଦ ବିକ୍ରି କରୁଛନ୍ତି ସେମାନଂକ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ନିଆଯାଉଛି । ଏଥିପାଇଁ ପୋଲିସ,ଅବକାରୀ,ଡ୍ରଗ୍ସ ଓ ବନ ବିଭାଗକୁ ନେଇ ଗଠିତ ହୋଇଥିବା Multi disciplinary sqad ଦ୍ୱାରା ନିୟମିତ ଚଢାଉ ଜାରି ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସାଂପ୍ରତିକ ପରିସ୍ଥିତିରେ ଯୁବ ବର୍ଗ ଦ୍ୱାରା ବହୁଳ ଭାବରେ ବ୍ୟବହାର ହେଉଥିବା କଫ ସିରପ୍ ଓ ଡ୍ରଗ୍ସକୁ ନେଇ ମନ୍ତ୍ରୀ ଉଦବେଗ ପ୍ରକାଶ କରିଥିଲେ । ଜିଲ୍ଲାରେ ସ୍କାଡ ଦ୍ୱାରା ନିୟମିତ ଚଢାଉ ଜାରି ରଖିବା ସହ ଯେଉଁମାନେ ଏହି କାର୍ଯ୍ୟରେ ଉଲ୍ଲେଖିନୀୟ ସଫଳତା ହାସଲ କରିବେ ସେମାନଂକୁ ପୁରସ୍କୃତ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲାରେ ଅବାଧ ମଦ କାରବାର ଓ ଡ୍ରଗସ୍ କାରବାର ତଥା ଗଂଜେଇ ଉଚ୍ଛେଦ ନିମନ୍ତେ ଗଠିତ ସ୍କାଡର ସଫଳତାକୁ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ମହୁଲ ଫୁଲକୁ ଦେଶୀ ମଦ ପ୍ରସ୍ତୁତିରେ ବ୍ୟବହାର କରିବା ସହ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ବ୍ୟବହାର କରୁଥିବା ବ୍ୟକ୍ତିଂକ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ ଉପସ୍ଥିତ ଅବକାରୀ କମିଶନର ଶ୍ରୀ ଅଂଜନ କୁମାର ମାନିକ ଯୋଗ ଦେଇ ଅବାଧ ଓ ଅପମ୍ରଶ୍ରିତ ମଦ କାରବାରକୁ କଡା କଡି ଯାଂଚ କରିବାକୁ ପରାମର୍ଶ ଦେଇଛନ୍ତି । ବେଆଇନ୍ ଭାବେ ଚାଷ ହେଉଥିବା ଗଂଜେଇ ଗଛକୁ ଆକଶମାର୍ଗରୁ ଡ୍ରୋନ କ୍ୟାମେରା ଯୋଗେ ନଷ୍ଟ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏଥିପାଇଁ ଟାସ୍କଫୋର୍ସ ଗଠନ କରାଯାଇ ନିୟମିତ ଅନୁଧ୍ୟାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ସହରର ବିଭିନ୍ନ ଦୋକାନରେ ଉପଲବଧ ହେଉଥିବା କଫ୍ ସିରଫ ଉପରେ ସତର୍କ ଦୃଷ୍ଟି ରଖିବା ସହ ବିକ୍ରେତାମାନଂକୁ ନିୟମିତ ସେମାନଂକ ବିକ୍ରୀ ଓ ଗଛିତ ଥିବା ତଥ୍ୟ ମାଗିବାକୁ ପରାମର୍ଶ ଦେଇଛନ୍ତି । ମଦ ଦୋକାନ ନଥିବା ଅଂଚଳରେ ସର୍ଭେ କରି ନୂତନ ଦୋକାନ ନିମନ୍ତେ ବିଜ୍ଞାପନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । NDPS 1985 (Narcotic Drugs and Psychotropic Sub-stances Act) ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ଏହାର

ଗୋଦାମ ଗୃହ ପ୍ରତିଷ୍ଠା ହେବ । ଅନୁଗୋଳ ଜିଲ୍ଲାର ହେମସୁରପଡା ଠାରେ ଏହା ପ୍ରତିଷ୍ଠା ହୋଇଛି । ଖୁବ୍ ଶିଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବୈଠକରେ ଅବକାରୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ନାୟକ ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଯୋଗ ଦେଇ ବିଭିନ୍ନ ସ୍ଥାନରେ ଅବାଧ ମଦ ଓ ବ୍ରାଉନ୍ ସୁଗାର କାରବାର ତଥା ଗଂଜେଇ ଚାଷ ଉଛେଦକୁ ନେଇ ନିୟମିତ ଜିଲ୍ଲା ସ୍ତରୀୟ ବୈଠକ କରାଯାଇ ଏହାର ସମୀକ୍ଷା କରାଯାଉଛି ବୋଲି ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଏହି ବୈଠକରେ ଯୋଗ ଦେଇ ପୋଲିସ ବିଭାଗ ଦ୍ୱାରା ନିୟମିତ ଚଢାଉ ହେଉଥିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନୁଗୋଳର ୪ଟି ଥାନାରେ ବ୍ରାଉନ୍ ସୁଗାର ବ୍ୟବସାୟକୁ ନେଇ ୯ଟି ମାମଲା ୨୩ ଜଣଙ୍କ ନାମରେ ହୋଇଛି ଓ ସେମାନଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ହୋଇଛି ବୋଲି ସେ ପ୍ରକାଶ କରିଥିଲେ । ଆରକ୍ଷୀ ଅଧିକ୍ଷକ ଏହା ପୂର୍ବରୁ ମାଲକାନଗିରିରେ ଥିବା ବେଳେ ଗଂଜେଇ ଉଛେଦ ଓ ଅବାଧ ମଦ କାରବାରକୁ ନିୟନ୍ତ୍ରିତ କରିବାରେ ଉଲ୍ଲେଖନୀୟ ସଫଳତା ପାଇ ସରକାରଂକ ନିକଟରୁ ୫ ଲକ୍ଷ ଟଂକା ପୁରସ୍କାର ରାଶି ପାଇଥିଲେ । ଜିଲ୍ଲାରେ ସେହି ଅନୁଭୂତିକୁ ଦୋହରାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମଦ ବିକୁଥିବା ବ୍ୟକ୍ତି ବୋତଲ ଉପରେ ଥିବା ଅବକାରୀ ଛାପା ସହ ଏହା ଅସଲି କିମ୍ବା ନକଲି ଜାଣିବା ପାଇଁ ଖୁବ୍ ଶିଘ୍ର ଏକ ମୋବାଇଲ୍ ଆପ୍ ପ୍ରଚଳନ କରାଯିବ ବୋଲି କମିଶନର ପ୍ରକାଶ କରିଥିଲେ । ଯେଉଁମାନେ ବୋତଲରେ ଅବକାରୀ ଛାପା (EAL) ବଦଳାଇ ମଦ ବିକ୍ରି କରୁଥିବେ ସେମାନଂକୁ ୧୦ ଲକ୍ଷ ଟଂକା ଜୋରିମନା ସହ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ସେ ପ୍ରକାଶ କରିଥିଲେ । ସମୀକ୍ଷାରୁ ଜଣାପଡିଲା ଯେ ୨୦୧୯-୨୦ ରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଦ୍ୱାରା ଗଠିତ ସ୍କାଡ ଚଢାଉ କରି ୬୮୬୨ଟି ଗଂଜେଇ ଗଛ ନଷ୍ଟ କରିଛି । ସେହିପରି ଅବକାରୀ ଧରପଗଡରେ ୨୦୧୯-୨୦ ରେ ୭୧୯ ଜଣଂକ ନାମରେ ମୋକଦ୍ଦମା ରଜୁ କରାଯାଇଛି । ଏହି ବୈଠକରେ ଅବକାରୀ ବିଭାଗର ଉପ-କମିଶନର ଶ୍ରୀ ରାମଚନ୍ଦ୍ର ପାଲଟଂକ ସମେତ ଅବକାରୀ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ପରେ ମନ୍ତ୍ରୀ ରନ୍ତଲେଇ ଠାରେ ଥିବା ଓଡିଶା ରାଜ୍ୟ ବ୍ରିଭରିଜ୍ କର୍ପୋରେସନର ଗୋଦାମକୁ ପରିଦର୍ଶନ କରିଥିଲେ ।



